# ପରିସମାପ୍ତି ବିବରଣୀ

## ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକଚର୍ ଫଣ୍ଡ-୦୧/ଢେଙ୍କାନାଳ ଜିଲ୍ଲା

ଏହି ବିବରଣୀଟି ସିଏଓ ଅମ୍ବୁଡ୍ସମ୍ୟାନ, ଆଇଏଫ୍‌ସି ସମର୍ଥିତ ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକଚର୍ ଫଣ୍ଡର ଦାୟିତ୍ୱସମ୍ପନ୍ନ ପ୍ରକଳ୍ପ ଜିଏମଆର କମଲଙ୍ଗ ଏନର୍ଜି ଲିମିଟେଡ୍ ବିରୋଧରେ ସ୍ଥାନୀୟ ଓ ଜାତୀୟ ସ୍ତରୀୟ ବେସରକାରୀ ସଂସ୍ଥା ଏବଂ ପ୍ରଭାବିତ ହେଉଥିବା ଗ୍ରାମଗୋଷ୍ଠୀ ସଭ୍ୟମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଗୁଡ଼ିକୁ କିଭଳି ପରିଚାଳନା କରୁଛନ୍ତି ତଦ୍ ସମ୍ବନ୍ଧୀୟ ବିଷୟକୁ ବର୍ଣ୍ଣନା କରୁଅଛି ।

---

### ପୃଷ୍ଠଭୂମି

**ଆଇଏଫ୍‌ସିର ନିବେଶ**

ଆଇଏଫ୍‌ସି ସମର୍ଥିତ ଇଣ୍ଡିଆ ଇନ୍ଫ୍ରାଷ୍ଟ୍ରକଚର୍ ଫଣ୍ଡ (ଆଇଆଇଏଫ୍) ମୁମ୍ବାଇ ଠାରେ ଅବସ୍ଥାପିତ ଅଟେ ଏବଂ ଏହା କେବଳ ଭାରତରେ ଭିତ୍ତିଭୂମି ବିକାଶ ଲାଗି ସମାନ୍ତରାଳ ନିବେଶ କରିଥାଏ । ଏହାର ପାଣ୍ଠି ପ୍ରାୟ ୯୨୭ ଆମେରିକୀୟ ଡଲାର ଏବଂ ଆଇଏଫ୍‌ସିର ସମାନ୍ତରାଳ ନିବେଶ ପ୍ରାୟ ୫୦ କୋଟି ଡଲାର ଅଟେ । ଆଇଆଇଏଫ୍, ଇନ୍ଫାଷ୍ଟ୍ରକଚର୍ ଡେଭେଲପମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍ (ଆଇଡିଏଫ୍‌ସି)ର ପ୍ରୋଜେକ୍ଟ ଇକ୍ୱିଟି କମ୍ପାନୀ ଦ୍ୱାରା ପରିଚାଳିତ ଅଟେ । ଏହା ଆଇଡିଏଫ୍‌ସି ଦ୍ୱାରା ସମ୍ପୂର୍ଣ୍ଣ ଭାବେ ମାଲିକାନା ନିୟନ୍ତ୍ରଣରେ ରହିଅଛି ।

<u>ଉପ ପ୍ରକଳ୍ପ: ଜିଏମ୍ଆର କମଲଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍)</u>

ଆଇଆଇଏଫ୍‌ର ଏକ ଦାୟିତ୍ୱ ସମ୍ପର୍ଣ୍ଣ ନିବେଶ ହେଉଛି ଜିଏମ୍ଆର୍ କମଲଙ୍ଗ ଏନର୍ଜି ଲିମିଟେଡ୍ । ଏହା ଜିଏମ୍ଆର ଗ୍ରୁପ୍‌ର ଏକ ଅଂଶ ଅଟେ । କମଲଙ୍ଗ ଏନର୍ଜି ହେଉଛି ଏକ ସ୍ୱତନ୍ତ୍ର ପ୍ରକଳ୍ପ, ଯାହା ଜିଏମ୍ଆର୍ କମଲଙ୍ଗ ଏନର୍ଜି ଲିମିଟେଡ୍ ଦ୍ୱାରା ଓଡ଼ିଶା ରାଜ୍ୟର ଢେଙ୍କାନାଳ ଜିଲ୍ଲାର କମଲଙ୍ଗ ଗ୍ରାମ ଠାରେ ୧୪୦୦ ମେଗାୱାଟ୍ ବିଶିଷ୍ଟ କୋଇଲା ପାୱାର ପ୍ଲାଣ୍ଟ ସ୍ଥାପନ କରିଥିଲା ।

ଏହି କୋଇଲା ପାୱାର ପ୍ଲାଣ୍ଟକୁ କମଲଙ୍ଗ (ଦୁର୍ଗାପୁର, ବାଘମୁଣ୍ଡା, ମାଣିବେଡ଼ା, ଅଛଲକୋଟ, କାଳିଆଡେଲା, ବରସାହି ଓ କମଲଙ୍ଗକୁ ମିଶାଇ ମୋଟ ସାତଗୋଟି ପଡ଼ାଗ୍ରାମ), ମଙ୍ଗଳପୁର (ମଙ୍ଗଳପୁର ଓ ମନପୁର ନାମକ ଦୁଇଟି ପଡ଼ା ବିଶିଷ୍ଟ ଗ୍ରାମ), ସେନାପତି ବାରେଣା ଏବଂ ଭାଗବତପୁର ଗ୍ରାମ ଚାରିଦିଗରୁ ଘେରିରହିଛି ।

### ଅଭିଯୋଗ

୨୦୧୧ ମସିହା ଏପ୍ରିଲ ମାସରେ ଓଡ଼ିଶା ଚାଷ ପରିବେଶ ସୁରକ୍ଷା ପରିଷଦ ନାମକ ଏକ ତୃଣମୂଳ ସ୍ତରୀୟ ଅନୁଷ୍ଠାନ ଏବଂ ଦିଲ୍ଲୀ ଠାରେ କାର୍ଯ୍ୟରତ ଥିବା ଦିଲ୍ଲୀ ଫୋରମ୍ ନାମକ ଏକ ଜନ ଓକିଲାତି ଓ ଗବେଷକ ଅନୁଷ୍ଠାନ, ମିଳିତ ଭାବେ ପ୍ରଭାବିତ ହେଉଥିବା ଲୋକମାନଙ୍କ ପକ୍ଷରୁ ସିଏଓଙ୍କ ସମକ୍ଷରେ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଅଭିଯୋଗକାରୀ ମାନେ ଧାରାବାହିକ ଭାବେ ଏହି ପ୍ରକଳ୍ପ ଦ୍ୱାରା ଗ୍ରାମବାସୀ, ସ୍ଥାନୀୟ ପରିବେଶ ଉପରେ ପଡୁଥିବା ଏବଂ ସମ୍ଭାବିତ ପ୍ରଭାବ ବିରୋଧରେ ଆରୋପ ଅଭିଯୋଗ କରିଆସିଛନ୍ତି । ସେମାନେ କହିଛନ୍ତି ଯେ, ସ୍ଥାନୀୟ ଲୋକଙ୍କ ଉପରେ ଯେଉଁଭଳି ନିଷ୍ପତ୍ତି ସବୁ ପ୍ରଭାବ ପକାଇବ; ସେହିସବୁ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କୁ ସମ୍ପୃକ୍ତ କରାଯାଉନାହିଁ । ସେଠାରେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଅନିମିୟତା ହୋଇଥିଲା । ପୋଲିସ୍ ଦ୍ୱାରା ଗ୍ରାମଗୋଷ୍ଠୀଙ୍କୁ ଖରାପ ବ୍ୟବହାର ପଦର୍ଶନ ଆଦି ହୋଇଥିଲା ବୋଲି ସେମାନେ ଅଭିଯୋଗ କରିଥିଲା ବେଳେ ପ୍ରକଳ୍ପ ଦ୍ୱାରା ପରିବେଶ ଏବଂ ସମାଜ ଉପରେ ସମ୍ଭାବିତ ବିପଦର ଆଶଙ୍କା ସହିତ ଏଥିରେ ଆଇଏଫ୍‌ସିର ଅର୍ଥନୈତିକ ଭୂମିକା ଭଳି ବିଷୟକୁ ଉନ୍ମୁକ୍ତ ରଖାଯାଇ ନାହିଁ ବୋଲି ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି ।



ନିର୍ମାଣଧୀନ ଥିବା ଜିକେଇଏଲ କୋଇଲା ପାୱାର ପ୍ଲାଣ୍ଟ

### ସିଏଓର ଅନୁସନ୍ଧାନ

ଏହି ବିଷୟଟିକୁ ଯୁକ୍ତିଯୁକ୍ତ ଏବଂ ଯୋଗ୍ୟ ବୋଲି ନିର୍ଦ୍ଧାରଣ କଲାପରେ ସିଏଓ ନିଜର ଅନୁସନ୍ଧାନ ପ୍ରକ୍ରିୟା ୨୦୧୧ ମସିହା ମଇ ମାସରେ ଆରମ୍ଭ କରିଥିଲେ । ଏହି ପ୍ରକ୍ରିୟାର ଉଦ୍ଦେଶ୍ୟ ହେଉଛି ଅଭିଯୋଗର ଶ୍ରେଷ୍ଠତ୍ୱ ବା ଯୋଗ୍ୟତା ନେଇ କୌଣସି ମତାମତ ନଦେଇ-ଅଭିଯୋଗ ଦ୍ୱାରା ଉଠାଯାଇଥିବା ବିଭିନ୍ନ ସମସ୍ୟା ଗୁଡ଼ିକର ଏବଂ ଅଂଶୀଦାରଙ୍କର ମତାମତ ଏବଂ ଦୃଷ୍ଟିକୋଣକୁ ଶୁଣିବା; ତା ସହିତ ଉଭୟ ପକ୍ଷକୁ ନେଇ ଏହି ପ୍ରକ୍ରିୟାରେ ସିଏଓ କେଉଁସବୁ ବିଭିନ୍ନ ଭୂମିକା

ନିର୍ବାହ କରିପାରେ କରିବ; ଏବଂ ଅଂଶୀଦାରମାନଙ୍କ ଲାଗି ସିଏଓର କେଉଁ ପ୍ରକାର ହସ୍ତକ୍ଷେପ- ଦ୍ୱନ୍ଦ୍ୱ ସମାଦାନ କିମ୍ବା ଅଙ୍ଗୀକାର ପ୍ରଦାନ କରିବା- ସେମାନଙ୍କର ଉତ୍ତମ ସୁବିଧା କିମ୍ବା ଲାଭରେ ଅଛି ତାହା ଉଭୟ ପକ୍ଷଙ୍କୁ ବୁଝାଇଦେବା । ଏହି ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା ସ୍ୱେଚ୍ଛାକୃତ ଅଟେ ଏବଂ ଏହା କେବଳ ଅଂଶୀଦାରମାନଙ୍କର ସହମତିରେ ହିଁ ଆଗେଇପାରିଥାଏ ।

ସେପ୍ଟେମ୍ବର ୨୦୧୧ରୁ ମାର୍ଚ୍ଚ ୨୦୧୨ ମଧ୍ୟରେ ଅଂଶୀଦାରମାନଙ୍କ ସହିତ ସାକ୍ଷାତ ପାଇଁ ସିଏଓଙ୍କ ଦଳ ଚାରିଥର ପରିଦର୍ଶନ କରିଥିଲେ ଏବଂ କ୍ରମାନ୍ୱୟ ଭାବେ ଟେଲିଫୋନ୍ ମାଧ୍ୟମରେ ଅଭିଯୋଗକାରୀ, ପୃଷ୍ଠପୋଷକ, ଆଇଏଫ୍‌ସି ଗ୍ରାହକ, ନିର୍ଦ୍ଦିଷ୍ଟ ଭାରପ୍ରାପ୍ତ ସରକାରୀ ଅଧିକାରୀ, ନାଗରିକ ସମାଜ ଅନୁଷ୍ଠାନ (ସିଏସ୍‌ଓ) ଓ ବେସରକାରୀ ଅନୁଷ୍ଠାନ (ଏନଜିଓ)ଙ୍କ ସହିତ ବାର୍ତ୍ତାଳାପ ଜାରୀ ରଖିଥିଲେ ।



ପ୍ରଭାବିତ ଗ୍ରାମଗୋଷ୍ଠୀଙ୍କୁ ଭେଟିବା ଲାଗି ସିଏଓଙ୍କ ପ୍ରଥମ ଅନୁସନ୍ଧାନ ପରିଦର୍ଶନ

ଅନୁସନ୍ଧାନ ପ୍ରକ୍ରିୟା ସମୟରେ ଅନେକ ଗ୍ରାମଗୋଷ୍ଠୀମାନେ ପ୍ରକଳ୍ପ ଦ୍ୱାରା ସମ୍ଭାବିତ ପ୍ରଭାବ ବାବଦରେ କହିଥିଲେ ଏବଂ ନିଜର ଜୀବନଜୀବିକାର ଚିରସ୍ଥାୟିତ୍ୱକୁ ନେଇ ସେମାନେ ଆଶଙ୍କା ଭିତରେ ଅଛନ୍ତି ବୋଲି ନିଜର ମତପୋଷଣ କରିଥିଲେ । ଅନେକ ଗ୍ରାମଗୋଷ୍ଠୀ ସେମାନଙ୍କର ଧାରଣାରେ କମ୍ପାନୀର ଅନେକ ଅନୈତିକ କାର୍ଯ୍ୟ ହାତୁ ନ୍ୟାୟ ପାଇବାର ସେମାନଙ୍କର ଆଶା ପ୍ରକାଶ କରିଥିଲେ । ଅନେକ ଗ୍ରାମଗୋଷ୍ଠୀମାନେ ସେମାନଙ୍କୁ ପ୍ରକଳ୍ପ ଦ୍ୱାରା ଅଧିକ ସୁବିଧାସୁଯୋଗ ପ୍ରଦାନ, ବିଶେଷ କରି ନିଜର ଜୀବନଜୀବିକା ସହିତ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଚାକିରୀରେ ନିଯୁକ୍ତି ଦେବା କଥା କହିଥିଲେ ।

କମ୍ପାନୀ ମତ ପ୍ରକାଶ କରିଛି ଯେ, ଭାରତ ସରକାର ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ଠାରୁ ସମସ୍ତ ପ୍ରକାର ଅନୁମୋଦନ ମିଳିସାରିଲା ପରେ ଉକ୍ତ ପ୍ରକଳ୍ପକୁ ପ୍ରତିଷ୍ଠା କରାଯାଇଛି ଏବଂ କମ୍ପାନୀ ଏହାର ସମସ୍ତ ପ୍ରକାରର ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଅଛି । କମ୍ପାନୀର ପ୍ରତିନିଧି ମାନେ ଉଲ୍ଲେଖ କରିଥିଲେ ଯେ, ଗ୍ରାମଗୋଷ୍ଠୀଙ୍କ ସହିତ କମ୍ପାନୀ ସୁ-ସମ୍ପର୍କ ରଖିଆସିଛି । କମ୍ପାନୀ ଏଥିଲାଗି ଜିଏମ୍ଆର, ବରଲକ୍ଷ୍ମୀ ଫାଉଣ୍ଡେସନ୍‌ର ବିଭିନ୍ନ ଉଲ୍ଲେଖଯୋଗ୍ୟ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମଗୋଷ୍ଠୀଙ୍କୁ ଜୀବନଜୀବିକା ଭିତ୍ତିକ ରୋଜଗାର ଲାଗି ପ୍ରତିଶ୍ରୁତି ବଦ୍ଧ ।

ଡିସେମ୍ବର ୨୦୧୧ ମସିହାରେ ପ୍ରଭାବିତ ହେଉଥିବା ଗ୍ରାମଗୋଷ୍ଠୀଙ୍କ ଅଭିଯୋଗ ଗୁଡ଼ିକୁ ସମାଧାନ କରିବା ଲାଗି ଜିଏମଆର ବୋର୍ଡ ସିଏଓଙ୍କର ପ୍ରସ୍ତାବିତ ଆଲୋଚନା ପ୍ରକ୍ରିୟାକୁ ସମର୍ଥନ କରିବା ପାଇଁ ମତ ଦେଇଥିଲେ ।

ମାର୍ଚ୍ଚ ୨୦୧୨ ମସିହାରେ ଅଭିଯୋଗକାରୀମାନେ ସିଏଓର ପରିଚାଳନାଗତ ପ୍ରକ୍ରିୟା ଲାଗି ମୌଖିକ ପ୍ରତିଶୃତି ଦେଇ ସିଏଓଙ୍କ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି କହିଥିଲେ ।

ଏକ ଅନୁସନ୍ଧାନ ବିବରଣୀ ଯାହା ସିଏଓର ୱେବସାଇଟ୍ ରେ ସମାନ୍ତରାଳ ଭାବେ ଉପଲବ୍ଧ ଅଛି, ସେଥିରେ ଅନୁସନ୍ଧାନ ପ୍ରକ୍ରିୟା ଏବଂ ଅଭିଯୋଗ ଗୁଡ଼ିକ ବାବଦରେ ଅଧିକ ସ୍ୱଷ୍ଟ ତଥ୍ୟ ପ୍ରଦାନ କରାଯାଇଅଛି ।

**ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା**

ଦକ୍ଷତା ବୃଦ୍ଧି, ମଇ ୨୦୧୨: ଅଂଶୀଦାରମାନଙ୍କୁ ଆଲୋଚନା ପ୍ରକ୍ରିୟା ପାଇଁ ପ୍ରସ୍ତୁତ କରିବା ଲାଗି, ସିଏଓ ଦ୍ୱାରା ମଇ(ମେ) ମାସରେ ଦୁଇଟି ଦକ୍ଷତା ବୃଦ୍ଧି କର୍ମଶାଳାର ଆୟୋଜନ କରାଯାଇଥିଲା । ତନ୍ମଧ୍ୟରୁ ଗୋଟିଏ କମ୍ପାନୀ ପ୍ରତିନିଧିଙ୍କ ଲାଗି କରାଯାଇଥିଲା ବେଳେ ଅଭିଯୋଗକାରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରତିନିଧି ମାନଙ୍କୁ ରଖାଯାଇ ଦ୍ୱନ୍ଦ୍ୱ ସମାଧାନର ଜ୍ଞାନ ଦେବାଲାଗି ଅନ୍ୟ ଏକ ତାଲିମ




ଫ୍ଲିପଚାର୍ଟ-ଗ୍ରାମଗୋଷ୍ଠୀ ପ୍ରତିନିଧିଙ୍କୁ ନେଇ ଦକ୍ଷତା ବୃଦ୍ଧି କର୍ମଶାଳା

ପ୍ରଦାନ କରାଯାଇଥିଲା । ଏହିଠାରେ ଅଂଶୀଦାରମାନେ ଏକ ସହଭାଗୀ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା ଏବଂ ଏହାର ଅଧୀନସ୍ଥ ନୀତିନିୟମ ଅନୁସାରେ ସାମିଲ ହେବା ପାଇଁ ନିଜର ସମ୍ମତିକୁ ଲିଖିତ ଭାବେ ପ୍ରଦାନ କରିଥିଲେ ।

**ପ୍ରକ୍ରିୟାର ରୂପରେଖ ନିର୍ଣ୍ଣୟ**

**ଜୁଲାଇ ୨୦୧୨:** ଅଂଶୀଦାରମାନଙ୍କୁ ନେଇ ପ୍ରକ୍ରିୟାର କାର୍ଯ୍ୟପ୍ରଣାଳୀ ନିର୍ଣ୍ଣୟ ଲାଗି ଜୁଲାଇ ୨୦୧୨ରେ କିଛି ବୈଠକ ଆୟୋଜନ କରାଯାଇଥିଲା ଏବଂ ଆଲୋଚନାର ବିଷୟବସ୍ତୁ ସହିତ ବୈଶିଷ୍ଟ୍ୟ ଓ ଅଂଶୀଦାରଙ୍କ ଭବିଷ୍ୟତ ନିଯୋଗ ଲାଗି କ'ଣ ନିୟମ ରହିବ ତାହା ମଧ୍ୟ ଆଲୋଚନା କରାଯାଇଥିଲା । ଏହି ବୈଠକ ମାନଙ୍କରେ ଗୋଟେ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇଥିଲା ଯେ, କିଏ ଆଲୋଚନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ; କେଉଁମାନେ ମୁଖ୍ୟ ଆଲୋଚନା ଟେବୁଲ୍‌ରେ ବସିବେ, କେଉଁମାନେ ଆଲୋଚନା ହେଉଥିବା କକ୍ଷରେ ରହିପାରିବେ, ଏବଂ କିଏ କେଉଁ କ୍ଷମତା ଆଧାରରେ ଆଲୋଚନାରେ ଅଂଶଗ୍ରହଣ କରିବେ ।



କମ୍ପାନୀ କର୍ମୀଙ୍କ ସହିତ ଆଲୋଚନା

**ଜାନୁୟାରୀ ୨୦୧୩**

**ଏକ ଯୁଗ୍ମ ବୈଠକ:**

ସିଏଓ ଏକ ଯୁଗ୍ମ ବୈଠକର ଆବାହନ କରିଥିଲେ, ଯେଉଁଥିରେ କମ୍ପାନୀ, ଅଭିଯୋଗକାରୀ ଏବଂ ଗ୍ରାମଗୋଷ୍ଠୀଙ୍କ ପ୍ରତିନିଧିଙ୍କୁ ନେଇ ଆଲୋଚନାରେ ପ୍ରତିନିଧିତ୍ୱ ବିଷୟ ଏବଂ ଅନ୍ୟାନ୍ୟ ପରିମାପକୁ ଆଲୋଚନା କରାଯାଇଥିଲା । ଅଂଶୀଦାରମାନେ ନିର୍ଣ୍ଣିତତାର ସହିତ ନିଜକୁ ଅନ୍ତର୍ଭୁକ୍ତ କରିଥିଲେ ଏବଂ ଆଲୋଚନା ପାଇଁ ବାର୍ତ୍ତାଳାପ ନିୟମାବଳୀରେ ରାଜିହେବା ଭଳି ଅନ୍ୟାନ୍ୟ ବିଷୟରେ ଏକ ସାଧାରଣ ଭିତ୍ତିଭୂମି ପାଇବା ପାଇଁ ନିଜର ସକ୍ଷମତାକୁ ପାଇବାରେ ସକ୍ଷମ ହୋଇଥିଲେ । ଯେତେବେଳେ ଆସନ୍ତା ଆଲୋଚନାର ମାନଦଣ୍ଡ ନିର୍ଣ୍ଣୟ କରାଯାଉଥିଲା, ସେତେବେଳେ ଅଂଶୀଦାରମାନେ ସମସ୍ୟାର ପଦର୍ଶନ କରିବା ସମୟରେ ଏକ ପରିସ୍ଥିତିରେ ପହଞ୍ଚିଯାଇଥିଲେ ଯାହା ଅନ୍ୟପକ୍ଷରେ ଏହି ଦୀର୍ଘ ବିଚାରବିମର୍ଶ ପ୍ରକ୍ରିୟାକୁ ପୁଣିଥରେ ଫେରିଆସିନପାରିବା କଥାକୁ ପ୍ରମାଣିତ କରୁଥିଲା ।

ଅଂଶୀଦାରଙ୍କ ସହିତ ଆଲୋଚନା ପରେ, ସିଏଓ ସ୍ଥିର କରିଥିଲେଯେ, ଏହି ଗତିରୋଧ ସିଏଓଙ୍କ ଆବାହିତ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା ପରିସମାପ୍ତି ହେବାର ଅର୍ଥବୋଧ କରୁଅଛି । ତେଣୁ ଏହି ମାମଲାକୁ ସିଏଓଙ୍କର ପରିଚାଳନା ମାର୍ଗଦର୍ଶିକା ଅନୁଯାୟୀ ସିଏଓଙ୍କର ଅଭିଯୋଗ ପରିଚାଳନାକୁ ହସ୍ତାନ୍ତର କରାଗଲା ।

**ବାର୍ତ୍ତାଳପ ପ୍ରକ୍ରିୟାର ଫଳପ୍ରଦତା**

ଜାନୁୟାରୀ ୨୦୧୩ରେ ଯୁଗ୍ମ ବୈଠକ ସମୟରେ ଯେତେବେଳେ ପ୍ରକୃତ ବାର୍ତ୍ତାଳପ କାର୍ଯ୍ୟରେ ପରିଣତ ହେବା ଆରମ୍ଭ କରୁଥିଲା, ସେତେବେଳେ ସିଏଓଙ୍କର ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟାର ପ୍ରଭାବକୁ ମାପିବା କଷ୍ଟକର ହୋଇପଡ଼ିଥିଲା । ତେବେ ଏହି ପ୍ରକ୍ରିୟା ସମୟରେ କେତେକ ନିଷ୍ପତ୍ତି ଫଳପ୍ରଦ ସାବ୍ୟସ୍ତ ହୋଇଥିଲା ।

- **ଦକ୍ଷତା ବୃଦ୍ଧି:** ପୂର୍ବ ପ୍ରସ୍ତୁତିର ଫଳାଫଳ ଅନୁଯାୟୀ, କମ୍ପାନୀ ଏବଂ ଅଭିଯୋଗକାରୀଙ୍କ ସହିତ ପ୍ରଭାବିତ ଗ୍ରାମଗୋଷ୍ଠୀଙ୍କ ପ୍ରତିନିଧିମାନେ ଭିନ୍ନଭିନ୍ନ ଦକ୍ଷତା ବୃଦ୍ଧି ଶିବିରରେ ଅଂଶଗ୍ରହଣ କରିଥିଲେ ଯାହା ଦ୍ୱନ୍ଦ୍ୱକୁ ବୁଝିବା ପାଇଁ ବିକଳ୍ପ ମଡେଲକୁ ପଦର୍ଶିତ କରିଥିଲା ଏବଂ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ପଦ୍ଧତିରେ ସେମାନଙ୍କ ଲାଭ ଏବଂ ଆବଶ୍ୟକତାକୁ ଯୋଗାଯୋଗ କରିବା ପାଇଁ ସକ୍ଷମ କରାଇଥିଲା ।

ଦକ୍ଷତା ବୃଦ୍ଧି ତାଲିମ କମ୍ପାନୀ କର୍ମଚାରୀଙ୍କ ସହିତ ଗ୍ରାମଗୋଷ୍ଠୀଙ୍କ ପ୍ରତିନିଧି ଏବଂ ବେସରକାରୀ ସଂସ୍ଥାର ଅଂଶଗ୍ରହଣକାରୀଙ୍କ ଏକ ବଡ଼ ଦଳକୁ ପ୍ରଦାନ କରାଯାଇଥିଲା । ଏହି ତାଲିମ ବ୍ୟାପକ ଶିକ୍ଷଣୀୟ ସୁଯୋଗ ପ୍ରଦାନ କରିଥିଲା, ଯାହା ସିଏଓଙ୍କ ନିଜସ୍ୱ ପ୍ରକ୍ରିୟାର ବାହାରେ ଥିଲା ।

- **ଆଲୋଚନାର ଢାଞ୍ଚା ପରିବର୍ତ୍ତନ:** ଜାନୁୟାରୀ ୨୦୧୩ର ଯୁଗ୍ମ ବୈଠକ ଯାହା ଆଲୋଚନା ପ୍ରକ୍ରିୟାକୁ ସମାପ୍ତ କରିଥିଲା, ତାହା ଅଂଶୀଦାରମାନଙ୍କୁ ଏକ ସୁପରିଚାଳିତ ପରିବେଶ ମଧ୍ୟରେ ବାର୍ତ୍ତାଳାପ କରିବା ଏବଂ କିଛିମାତ୍ରାରେ ପରସ୍ପରକୁ ସମ୍ମାନ ଜଣାଇ ବୁଝାମଣା କରିବା ଲାଗି ସୁଯୋଗ ସୃଷ୍ଟି କରିଥିଲା । ପୂର୍ବ ଆଲୋଚନା ଗୁଡ଼ିକରେ ଉଭୟ ଅଂଶୀଦାରମାନଙ୍କର ପକ୍ଷରୁ ଉତ୍ତେଜନା ଦେଖାଯାଇଥିଲା, କିନ୍ତୁ ଏଠାରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଲୋଚନାରେ ପ୍ରଭାବୀ ଯୋଗଦାନ କରାଯିବା ଦେଖାଯିବାସହିତ ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ବିଷୟକୁ ଚିହ୍ନଟ କରିବା, ବୁଝିବା ଏବଂ ଏଥିଲାଗି ସାଧାରଣ ଭିତ୍ତିଭୂମି ପ୍ରସ୍ତୁତ କରିପାରିବା କ୍ଷେତ୍ରରେ ଉନ୍ନତି ହୋଇଥିବା ସିଏଓ ପରିଲକ୍ଷିତ କରିଥିଲେ ।

ଯେତେବେଳେ ଆଲୋଚନାର ଗତିରୋଧତା ପ୍ରକ୍ରିୟାକୁ ଆଗକୁ ବଢାଇବା ଲାଗି ଅନୁମତି ଦେଉନଥିଲା, ସେତେବେଳେ ଆଲୋଚନାର ଏକ ନୂତନ ଢାଞ୍ଚା ଲାଗି ଉପାୟ କରାଯାଇ କମ୍ପାନୀ, ବେସରକାରୀ ଅନୁଷ୍ଠାନ ଏବଂ ଗ୍ରାମଗୋଷ୍ଠୀ ନେତୃବୃନ୍ଦଙ୍କ ମଧ୍ୟରେ ସହଯୋଗୀମୂଳକ ବାର୍ତ୍ତାଳାପ ଲାଗି ସୁଯୋଗ ସୃଷ୍ଟି କରାଯାଇପାରିଥାନ୍ତା।

**ଶିକ୍ଷା ଏବଂ ଅନ୍ତଃଦୃଷ୍ଟି**

ସିଏଓଙ୍କ ଅମ୍ବୁଡ୍ସମ୍ୟାନ୍ ପ୍ରକ୍ରିୟା ଦ୍ୱାରା ଅଭିଯୋଗର ଅନୁସନ୍ଧାନ ଏବଂ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟାକୁ ଆବାହନ କରିବା ସମୟରେ ଅନେକ ଶିକ୍ଷା ସହିତ ଅନ୍ତଃଦୃଷ୍ଟି ମିଳିଥିବା ଦେଖାଯାଇପାରେ:

**ଏକ କ୍ଷମତା ଭଙ୍ଗକାରୀ ଭାବେ ସିଏଓଙ୍କ ମତ**

ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା ଏବଂ ଅଂଶୀଦାରମାନଙ୍କ ଠାରୁ କୌଣସି ସମସ୍ୟାର ସମାଧାନ ଲାଗି ପାରସ୍ପରିକ ଆଲୋଚନାରେ ଉଦ୍ଦେଶ୍ୟମୂଳକ ଭାବେ ସିଏଓ ସର୍ବଦା ନିରପେକ୍ଷ ଭୂମିକା ଗ୍ରହଣ କରିଥାଏ। ଏହି ମାମଲାରେ ଅଂଶୀଦାରମାନେ ଆଶାକରିଥିଲେଯେ, ସିଏଓ ଏକ କ୍ଷମତା ଭଙ୍ଗକାରୀ ଭୂମିକା ନିର୍ବାହ କରିବ କିମ୍ବା ଗୋଟିଏ କିମ୍ବା ଅନ୍ୟାନ୍ୟ ଅଂଶୀଦାରଙ୍କୁ ଏକ ସୀମିତ ସୀମା ପର୍ଯ୍ୟନ୍ତ ଚାପରେ ରଖି ନିଷ୍ପତ୍ତି ଗ୍ରହଣ କରିବ। ଏହି ଆଶା ଓ ଆକାଂକ୍ଷାଗୁଡ଼ିକ ଅଂଶୀଦାରମାନଙ୍କୁ ସିଏଓଙ୍କର ନିରପେକ୍ଷ ଭୂମିକାକୁ ବୁଝିବାକୁ ବହୁତ କଷ୍ଟକର କରିଦେଇଥିଲା, ଯାହା ପରବର୍ତ୍ତି କ୍ଷେତ୍ରରେ ନୈରାଶ୍ୟ ସୃଷ୍ଟି କଲାଯେ, ଏକ ଅଂଶୀଦାର ଭାବେ ଗୋଟିଏ କିମ୍ବା ଅନ୍ୟାନ୍ୟ ଅଂଶୀଦାରଙ୍କୁ ସିଏଓ କ୍ରିୟାଶୀଳ ଭାବେ ନିୟନ୍ତ୍ରଣ କରିପାରିନଥିଲେ।

ଯଦି ଅଂଶୀଦାରମାନେ ସକ୍ରିୟତା ସହିତ ଆଲୋଚନାରେ ଭାଗ ନେଇଥାନ୍ତେ ଏବଂ ଏକ ଚୁକ୍ତିନାମା ଲାଗି ରାଜି ହୋଇଥାନ୍ତେ, ତେବେ ସେମାନଙ୍କର ପ୍ରତିଶୃତି ଏବଂ ରାଜିନାମା ଅନୁଯାୟୀ ସିଏଓ ମିଳିତ ଆଲୋଚନା ଲାଗି ନିୟମ ପ୍ରସ୍ତୁତ କରାଇବାରେ ସକ୍ଷମ ହୋଇପାରିଥାନ୍ତେ। ତେବେ ସିଏଓ ପ୍ରାକ୍-ପ୍ରସ୍ତୁତି ସମୟରେ ଉଭୟପକ୍ଷଙ୍କୁ ସେମାନଙ୍କ ପ୍ରତି ବିଶ୍ୱାସ ରଖିବାର ଗୁରୁତ୍ୱକୁ କେବଳ ଜଣାଇପାରିଥାନ୍ତେ।

ଭୁଲ ବୁଝାମଣା ଯୋଗୁଁ ସେମାନେ ସିଏଓଙ୍କୁ ଏକ ଚାପ ପ୍ରୟୋଗକାରୀ ନିଷ୍ପତ୍ତି ନେବା ଦୃଷ୍ଟିରୁ ଦେଖିବା ଅଭ୍ୟାସ ରଖିଥିଲେ, ଯାହାଦ୍ୱାରା ସେମାନେ ଏକ ସମ୍ମିଳିତ ଏବଂ ସୃଜନଶୀଳ ପ୍ରକ୍ରିୟାରେ ସାମୁହିକ ଭାବେ ସମସ୍ୟାର ଚିହ୍ନଟ ଏବଂ ତାହାର ସମାଧାନ ବାହାର କରିବାରେ ସକ୍ଷମ ହୋଇପାରିନଥିଲେ।

**ଗ୍ରାମଗୋଷ୍ଠୀଙ୍କ ସହିତ ସମ୍ପର୍କ**

ଏକ ପ୍ରଭାବୀ ଉପାୟରେ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟାକୁ ଆବାହନ କରିବା ଲାଗି ସିଏଓଙ୍କୁ ପ୍ରଭାବିତ ଗ୍ରାମଗୋଷ୍ଠୀ ସଭ୍ୟଙ୍କ ସହିତ ସିଧାସଳଖ ସମ୍ପର୍କ ରଖିବା ଆବଶ୍ୟକ। ଅନ୍ୟାନ୍ୟ ବିଷୟରେ ଯେଉଁ ପ୍ରକାର ପ୍ରଭାବିତ ଗ୍ରାମଗୋଷ୍ଠୀ ମାନେ ବିଶାଳ, ବିଚ୍ଛୁରିତ, ବିବିଧତାରେ ପରିପୂର୍ଣ୍ଣ, ସେହି ପ୍ରକାର ଏହି ମାମଲାରେ ଗ୍ରାମଗୋଷ୍ଠୀଙ୍କ ସହିତ ସିଧାସଳଖ ଏବଂ ସଜୀବିତ ସମ୍ପର୍କ ରଖିବା ବଡ଼ କଷ୍ଟକର ରହିଥିଲା।

ଯେତେବେଳେ ଢେଙ୍କାନାଳ ଜିଲ୍ଲାରେ ଥିବା ଏହି ଗ୍ରାମଗୁଡ଼ିକୁ ସିଏଓ ପରିଦର୍ଶନ କରୁଥିଲେ, ସେତେବେଳେ ପ୍ରତ୍ୟେକ ଥର ଗ୍ରାମଗୋଷ୍ଠୀଙ୍କ ସହିତ ଏକ ବିସ୍ତୃତ ଏବଂ ସ୍ୱତନ୍ତ୍ର ପ୍ରତିନିଧି ସ୍ତର ସ୍ଥାପନ କରି ଆଲୋଚନା କରୁଥିଲେ, ଯେଉଁଥିରେ ବିଭିନ୍ନ ମତାମତ ଥିବା ଲୋକ ଯେପରିକି ମହିଳା, ଦଳିତ ଏବଂ ଅନ୍ୟାନ୍ୟ ବିପଦପ୍ରବଣ ସମ୍ପ୍ରଦାୟଙ୍କୁ ନେଇ କାର୍ଯ୍ୟ ଚାଲୁଥିଲା। ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା ଲାଗି ପୁନଃର୍ବାର ଏହା ଆବଶ୍ୟକ ହୋଇପାରେ।

ଏହି ପ୍ରକାରର ସିଧାସଳଖ ସମ୍ପର୍କ ଏବଂ ଦୃଢ ପ୍ରତିନିଧି ସ୍ତରର ଉପସ୍ଥିତି ବିନା ସିଏଓଙ୍କ ଦ୍ୱନ୍ଦ୍ୱ ସମାଧାନ ଦଳକୁ ବିଭିନ୍ନ ଗୋଷ୍ଠୀ ବା ସମ୍ପ୍ରଦାୟ ମାନଙ୍କ ମନ ମଧ୍ୟରେ ରହିଥିବା ଇଚ୍ଛା ଏବଂ ଆକାଂକ୍ଷା ଗୁଡ଼ିକୁ ଜାଣିବା ଏବଂ ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟାକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା କଷ୍ଟକର ହୋଇଥାନ୍ତା।

ବିଭିନ୍ନ ପ୍ରଣାଳୀ ସବୁ ଗ୍ରାମଗୋଷ୍ଠୀଙ୍କ ସହିତ ଯେତେବେଳେ ଦୃଢ ସମ୍ପର୍କ ଗଠନ ଲାଗି ଆବେଦନ କରୁଥିଲେ, ତାହା ହସ୍ତାନ୍ତରଣ ସମୟରେ ଯେପରି ସଫଳ ହେବା ଆଶା କରଯାଉଥିଲା ସେପରି ସଫଳତା ମିଳିପାରିନଥିଲା।

**ସ୍ଥାନୀୟ ସହାୟତା**

ଏହି ମାମଲାଟି କେତେମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ତାହା ଜଣାଇ ଦେଇଥିଲା, ବିଶେଷ କରି ଓଡ଼ିଶା ରାଜ୍ୟ ଏପରିକି ଢେଙ୍କାନାଳ ଜିଲ୍ଲାର ସ୍ଥାନୀୟ ସଙ୍ଗଠନ କିମ୍ବା ପ୍ରତିଷ୍ଠାନ ଗୁଡ଼ିକୁ ଚିହ୍ନଟ କରି ତାଙ୍କଠାରୁ ଉପଯୁକ୍ତ ସହାୟତା ପାଇବା କେତେମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ଜଣାଇ ଦେଇଥିଲା। ଏକ ଅଭିଜ୍ଞ ମଧ୍ୟସ୍ଥି ଯିଏ ଅଂଶୀଦାରମାନଙ୍କ ଲାଗି ଗ୍ରହଣୀୟ ହୋଇପାରିବେ ତାହା ଏକ ଉଲ୍ଲେଖଯୋଗ୍ୟ ସମୟ ନେଇଯାଇଥିଲା। ଏବଂ ସେହିଭଳି ଏକ ଅନୁବାଦକ ଯିଏ ଉଭୟ ସ୍ଥାନୀୟ ଭାଷା ସହିତ ଇଂରାଜୀ ଭାଷାକୁ ବୁଝିପାରୁଥିବେ ଏବଂ ପୂର୍ବରୁ ନିରପେକ୍ଷ କ୍ଷମତା ଆଧାରରେ କାର୍ଯ୍ୟ କରିଥିବେ, ତାହା ଏକ କଷ୍ଟକର ପ୍ରକ୍ରିୟା ଥିଲା ଏବଂ ସର୍ବଦା ଉପଯୁକ୍ତ ଫଳାଫଳ ପ୍ରଦାନ କରିପାରୁନଥିଲା।

ପ୍ରଭାବକାରୀ ସ୍ଥାନୀୟ ସମ୍ବଳ ଗୁଡ଼ିକ ଅଂଶୀଦାରମାନଙ୍କୁ ଏହି ବାବଦରେ ସ୍ପଷ୍ଟ କରାଇଦେବା ସହିତ ଦ୍ୱନ୍ଦ୍ୱ ସମାଧାନ ଲାଗି ଏହି ପୃଷ୍ଠଭୂମି ପ୍ରସ୍ତୁତ କରିପାରିଥାନ୍ତେ। ଏହା ଲୋକମାନଙ୍କୁ ଏକ ପ୍ରକ୍ରିୟାରେ ଖାପ ଖୁଆଇଥାନ୍ତା, ଯାହାକୁ ସାଧାରଣତଃ ଲୋକମାନେ ଜାଣିନଥାନ୍ତି। ଏହାସହିତ ଗ୍ରାମଗୋଷ୍ଠୀ ମାନଙ୍କୁ ଏକତ୍ର କରାଇ ସେମାନଙ୍କର ଉପସ୍ଥିତି ଜାହିର କରାଇବାରେ ଏକ ପ୍ରମୁଖ ଭୂମିକା

ନିର୍ବାହ କରିପାରିଥାନ୍ତେ। ପୂର୍ବରୁ ନିରପେକ୍ଷ ସ୍ଥାନୀୟ ସମ୍ବଳକୁ ସହଜରେ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲେ ସିଏଓଙ୍କୁ ଗ୍ରାମଗୋଷ୍ଠୀଙ୍କ ସହିତ ସିଧାସଳଖ ସମ୍ପର୍କ ରକ୍ଷା କରିବାରେ ଉଲ୍ଲେଖଯୋଗ୍ୟ ଭାବେ ସହଜ ହୋଇଥାନ୍ତା, ଯାହା ପରବର୍ତ୍ତି କ୍ଷେତ୍ରରେ ପ୍ରକ୍ରିୟାକୁ ସୁଦୃଢ କରିବାରେ ସହାୟତା କରିପାରିଥାନ୍ତା।

**ଏକ ଆର୍ଥିକ ଆନ୍ତରୀଣ ଉପପ୍ରକଳ୍ପ ଉପରେ ପ୍ରଥମ ଅଭିଯୋଗ**

ଆଇଏଫ୍‌ସିର ଆନ୍ତରୀଣ ଆର୍ଥିକ ସହାୟତା ପ୍ରାପ୍ତ ଉପ ପ୍ରକଳ୍ପ ଉପରେ ଏହା ସିଏଓଙ୍କ ସମ୍ମୁଖରେ ପ୍ରଥମ ଅଭିଯୋଗ ଥିଲା। ଯେହେତୁ ପ୍ରକଳ୍ପ ପରିଚାଳନାକାରୀ, ଜିଏମଆର ସିଧାସଳଖ ଭାବେ ଆଇଏଫ୍‌ସି ସହିତ କୌଣସି ଚୁକ୍ତିନାମା କିମ୍ବା ଠିକାରେ ହସ୍ତାକ୍ଷର କରିନଥିଲା ଯାହା ସିଏଓଙ୍କୁ ସ୍ଥାୟିତ୍ୱକୁ ବୁଝିବା ଏବଂ ତାଙ୍କର ବୈଧାନିକ ଆଦେଶକୁ ପ୍ରତିଷ୍ଠା କରିପାରିଥାନ୍ତା। ଯେହେତୁ ସିଧାସଳଖ ଭାବେ କମ୍ପାନୀ ଆଇଏଫସିର ଗ୍ରାହକ ନଥିଲା, ତେଣୁ କମ୍ପାନୀ ସିଏଓଙ୍କର ସହିତ କାର୍ଯ୍ୟ କରିବା ଲାଗି ରାଜି ହୋଇଥିଲା ଏବଂ ଏହି ପ୍ରକ୍ରିୟା ଗୁଡ଼ିକ ସିଏଓଙ୍କର ଅନ୍ୟାନ୍ୟ ଘଟଣା ଭଳି ସମାନ ଆଧାର ନେଇଥିଲା।

ଏହା ମଧ୍ୟ ବୁଝାଉଥିଲା ଯେ, ଏହି ପ୍ରକ୍ରିୟାରେ ଏକ ଅତିରିକ୍ତ ଅଂଶୀଦାର ମଧ୍ୟ ଥିଲେ। ତାହା ହେଉଛି ଆଇଏଫସିର ଗ୍ରାହକ, ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଫଣ୍ଡ୍ । ଆଇଆଇଏଫ୍ ଏହି ପ୍ରକ୍ରିୟା ସାରା ଜାଗ୍ରତର ସହ କ୍ରିୟାଶୀଳତାର ସହିତ ଅଂଶଗ୍ରହଣ କରି ସ୍ୱତଃଭାବେ କାର୍ଯ୍ୟ କରି ରହି ଏକ ଯୁକ୍ତିକୁ ସମର୍ଥନ କରିଆସିଛି ଏବଂ ଜିଏମଆର କମ୍ପାନୀକୁ ସିଏଓର ଭୂମିକାକୁ ନେଇ ଅଭିଜ୍ଞତା କରିବାରେ ସକ୍ରିୟ ଯୋଗଦାନ କରିଥିଲେ।

**ସମୟ ସୀମା**

ସିଏଓଙ୍କ ଅମ୍ବୁଡ୍ସମ୍ୟାନ ପ୍ରକ୍ରିୟାରେ ଅଭିଯୋଗର ଅନୁସନ୍ଧାନଠୁ ଆରମ୍ଭ କରି ଶେଷ ହେବା ପର୍ଯ୍ୟନ୍ତ ଏହି ମାମଲାଟି ଯାହା କେବେହେଲେ ମଧ୍ୟ ପ୍ରାକ୍-ପ୍ରସ୍ତୁତି ଠାରୁ ପରିଦୃଷ୍ଟ ହୋଇନଥିଲା, ତାହା ଉଲ୍ଲେଖଯୋଗ୍ୟ ସମୟ ଏବଂ ସମ୍ବଳ ନେଇଯାଇଥିଲା।

ସିଏଓ ଦୀର୍ଘ ସମୟ ଧରି ସକ୍ରିୟ ଭାବେ ଏହି ଅନୁସନ୍ଧାନ ଏବଂ ପ୍ରାକ୍ ପ୍ରସ୍ତୁତି ପ୍ରକ୍ରିୟାରେ ନିୟୋଜିତ ରହିଥିଲେ, ଯାହାର ପ୍ରଥମ କାରଣ ଥିଲା ଉଲ୍ଲେଖନୀୟ ଆହ୍ୱାନ ସହିତ ଜଟିଳ ପରିସ୍ଥିତି, ଯାହା ଅଧିକ ସମୟ ଏବଂ ସମ୍ବଳ ଆବଶ୍ୟକ କରିବା ନିର୍ଣ୍ଣିତ ଭାବେ ଆଶାଜନକ ଥିଲା। ଦ୍ୱିତୀୟରେ ଏହି ପ୍ରକ୍ରିୟା ଆଲୋଚନା ଦିଗରେ ଏକ ସ୍ଥିର ଅଗ୍ରଗତି କରୁଥିଲା। କମ୍ପାନୀ ବୋର୍ଡ଼ ଡିସେମ୍ବର ୨୦୧୧ ଏବଂ ମାର୍ଚ୍ଚ ୨୦୧୨ ପୂର୍ବରୁ ଯେତେଶୀଘ୍ର ସମ୍ଭବ ବାର୍ତ୍ତାଳାପ ଲାଗି ନିଜର ସମ୍ମତି ପ୍ରଦାନ କରିଥିଲେ। ଉଭୟ ଅଂଶୀଦାର ସହଭାଗୀ ଦ୍ୱନ୍ଦ୍ୱ ସମାଧାନ ଲାଗି ନିଜର ସାଧାରଣ ଚୁକ୍ତି ତଥା ନିୟମକୁ ମଇ ୨୦୧୨ରେ ଶେଷ କରିଥିଲେ, ଯାହାଦ୍ୱାରା ଦ୍ୱନ୍ଦ୍ୱ ସମାଧାନ ପ୍ରକ୍ରିୟା ଏକ ସକରାତ୍ମକ ଦିଗ ଆଡ଼କୁ ଯାଉଥିବା ଜଣା ପଡ଼ିଥିଲା।

ଏହାସହିତ ଏଥିରେ କେତେକ ବିଳମ୍ବ ହୋଇଥିଲା। କିଛି ଅତିରିକ୍ତ କାରଣ ଯେପରି ସ୍ଥାନୀୟ ପଞ୍ଚାୟତ ନିର୍ବାଚନ, ଯେଉଁଥିରେ ଜଣେ ଅଭିଯୋଗକାରୀ ନିଜେ ପ୍ରାର୍ଥୀ ଥିଲେ। ଉଭୟ ପକ୍ଷ ବାରମ୍ବାର ଅତିରିକ୍ତ ସମୟ ଲାଗି ଅନୁରୋଧ କରୁଥିଲେ ଏବଂ ଉକ୍ତ ଅଭିଯୋଗଗୁଡ଼ିକ ମଧ୍ୟ ସ୍ଥାନୀୟ ବାସ୍ତବିକତା ଏବଂ ବାଧା ଦୃଷ୍ଟିକୋଣରୁ ଅତିମାତ୍ରାରେ ଯୁକ୍ତିଯୁକ୍ତ ଥିଲା। ପଶ୍ଚାତ୍ ଦୃଷ୍ଟି ସହିତ ଲାଭକୁ ଦେଖିଲେ ଜଣାପଡ଼େ ଯେ, ଏହି ପ୍ରକ୍ରିୟାରେ ସିଏଓ ପୂର୍ବରୁ ସ୍ୱଷ୍ଟତର ସମୟସୀମା ପ୍ରତିଷ୍ଠା କରିସାରିଥିଲେ ଅଧିକ ଗତିଶୀଳତା ସୃଷ୍ଟି ହୋଇପାରିଥାନ୍ତା। ସମାନ୍ତରାଳ ଭାବେ ଅଂଶୀଦାରଙ୍କ ଠାରୁ ଅଧିକ ପ୍ରତିସମ୍ବେଦନଶୀଳତା ମିଳିଥିଲେ ଏହି ପ୍ରକ୍ରିୟାକୁ ଅଧିକ ଗତିଶୀଳ ହେବାରେ ସହାୟତା କରିପାରିଥାନ୍ତା ଏବଂ ଏହାଦ୍ୱାରା ଏହାକୁ ଅଧିକ ସକ୍ଷମ ଏବଂ ସମୟାନୁବର୍ତ୍ତିତା କରିପାରିଥାନ୍ତା।

## ଭବିଷ୍ୟତ ପାଇଁ ସୁଯୋଗ

**ପରବର୍ତ୍ତୀ ପଦକ୍ଷେପ ପାଇଁ ସୁଯୋଗ**

ପ୍ରକ୍ରିୟା ଯୋଜନାର ସ୍ୱରୂପ ଏକ ସାଧାରଣ ପ୍ରସ୍ତୁତିରେ ସମାପ୍ତ ନହେବା ସତ୍ତ୍ୱେ ସିଏଓ ବିଶ୍ୱାସ ରଖିଛନ୍ତି ଯେ, ଅଭିଯୋଗକାରୀଙ୍କ ଦ୍ୱାରା ଅନେକ ସମସ୍ୟା ସବୁ ବର୍ଣ୍ଣନା କରାଯାଇଥିଲା, ଯାହାକୁ ଏକ ସହଭାଗୀ ପ୍ରକ୍ରିୟାରେ ଆଲୋଚନା ମାଧମରେ ସମାଧାନ କରାଯାଇପାରେ। ସିଏଓ ଅଂଶୀଦାରମାନଙ୍କୁ ଉତ୍ସାହିତ କରୁଛନ୍ତି ଯେ, ସେମାନେ ଯୋଗାଯୋଗ ଓ ଆଲୋଚନା ଲାଗି ଅନ୍ୟାନ୍ୟ ସୁଯୋଗର ସନ୍ଧାନ କରନ୍ତୁ। ଏହା ହୁଏତ ସେମାନଙ୍କୁ ସମସ୍ୟା ଗୁଡ଼ିକର ସମାଧାନ ଲାଗି ସକ୍ଷମ କରିପାରିବ। ଏହା ସହିତ ମିଳିତ ଦ୍ୱନ୍ଦ୍ୱ ସମାଧାନ ଲାଗି ଆଲୋଚନା ଆରମ୍ଭ କରିବା ପାଇଁ ମଧ୍ୟ ସିଏଓ ଉତ୍ସାହିତ କରୁଛନ୍ତି।

ଏହିଠାରେ ଯେତେବେଳେ ପ୍ରକ୍ରିୟାଟି ପ୍ରାକ୍ ପ୍ରସ୍ତୁତି ସମୟରେ ପରିସମାପ୍ତି ହେଲା, ସେତେବେଳେ ସମୟରେ ଅଂଶୀଦାରମାନଙ୍କ ଦ୍ୱାରା ପ୍ରଥମ ଯୁଗ୍ମ ଆଲୋଚନାରେ ଭାଗ ନେବାକୁ ଥିବା ଆଗ୍ରହ ଏବଂ ପରସ୍ପର ସହିତ ସମସ୍ୟାକୁ ନେଇ ଆଲୋଚନା କରିବାର ଆଗ୍ରହ ଅଂଶୀଦାରମାନଙ୍କ ସହିତ ଆଲୋଚନା କରିବାର ଗ୍ରହଣଶୀଳତାକୁ ଦର୍ଶାଉଥିଲା। ଯେହେତୁ ସିଏଓ ଅମ୍ବୁଡ୍ସମ୍ୟାନ୍ ନିଜର ସମ୍ପୃକ୍ତିର ପରିସମାପ୍ତି କଲେ, ତେଣୁ ଏହି ମାମଲାଟି ବର୍ତ୍ତମାନ ଠାରୁ ସିଏଓଙ୍କ କମ୍ପ୍ଲିଆନ୍ସ ଆଡଭାଇଜର୍ ଦ୍ୱାରା ଅନୁସନ୍ଧାନ କରାଯିବ। ସିଏଓ ଆଶା କରୁଛନ୍ତି ଯେ, ଅଂଶୀଦାର ମାନେ ଭବିଷ୍ୟତରେ କ୍ରମାଗତ ଆଲୋଚନା ଦ୍ୱାରା କିମ୍ବା ଉନ୍ନତ ଯୋଗାଯୋଗ ଦ୍ୱାରା ସମ୍ଭାବିତ ଲାଭ ପାଇବା ଉପାୟକୁ ଗ୍ରହଣ କରିପାରିବେ।